# 5th BIMSTEC Summit, Sri Lanka (March 30, 2022)

March 26, 2022

## ପଞ୍ଚମ ବିମଷ୍ଟେକ ଶିଖର ସମ୍ମିଳନୀ, ଶ୍ରୀଲଙ୍କା (30 ମାର୍ଚ୍ଚ 2022)

**ମାର୍ଚ୍ଚ 26, 2022**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 30 ମାର୍ଚ୍ଚ 2022 ରେ ପଞ୍ଚମ ବିମଷ୍ଟେକ ଶିଖର ସମ୍ମିଳନୀରେ ଯୋଗଦେବେ। ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହେବାକୁଥିବା ଏହି ଶିଖର ସମ୍ମିଳନୀକୁ ବିମଷ୍ଟେକର ଅଧ୍ୟକ୍ଷ ଶ୍ରୀଲଙ୍କା ଆୟୋଜନ କରିବ।

ଏହି ଶିଖର ସମ୍ମିଳନୀର ପ୍ରସ୍ତୁତି ପାଇଁ 28 ମାର୍ଚ୍ଚ 2022 ରେ ବିମଷ୍ଟେକର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ଏବଂ 29 ମାର୍ଚ୍ଚ 2022 ରେ ବିମଷ୍ଟେକ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହେବ।

କୋଭିଡ ମହାମାରୀ ଜନିତ ଆହ୍ୱାନ ଏବଂ ସମସ୍ତ ବିମଷ୍ଟେକ ସଦସ୍ୟ ସମ୍ମୁଖୀନ ହେଉଥିବା ଅନ୍ତର୍ଜାତୀୟ ବ୍ୟବସ୍ଥାରେ ଥିବା ଅନିଶ୍ଚିତତା ବିମଷ୍ଟେକ ବୈଷୟିକ ଓ ଅର୍ଥନୈତିକ ସହଯୋଗକୁ ପରବର୍ତ୍ତୀ ସ୍ତରକୁ ନେବାର ଲକ୍ଷ୍ୟକୁ ଅଧିକ ତତ୍ପରତା ପ୍ରଦାନ କରେ। ଶିଖର ସମ୍ମିଳନୀରେ ନେତୃବର୍ଗଙ୍କ ଆଲୋଚନାର ଏହା ମୁଖ୍ୟ ବିଷୟବସ୍ତୁ ହେବ ବୋଲି ଆଶା କରାଯାଉଛି।

ନେତୃବର୍ଗ ବିମଷ୍ଟେକ ଗୋଷ୍ଠୀର ମୌଳିକ ଆନୁଷ୍ଠାନିକ ଢାଞ୍ଚା ଓ ମେକାନିଜିମ ଗଠନ ଉପରେ ମଧ୍ୟ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ମାର୍ଚ୍ଚ 26, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.